OPEN ACCESS

*Int. Jr. of Contemp. Res. in Multi.* *PEER-REVIEWED JOURNAL* *Volume 4 Issue 4 [Jul-Aug] Year 2025*

IJCRM

International Journal of Contemporary Research In Multidisciplinary

*Research Article*

# ମାଟି ସଂପ୍ରୀତିର ଶବ୍ଦ ମାୟା: 'ଅକ୍ଷି ତୃତୀୟା'

**ନଳିନୀ କୁମାର ପାଣିଗ୍ରାହୀ**

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, କଳିଙ୍ଗ ମହାବିଦ୍ୟାଳୟ, ଘୁ. ଉଦୟଗିରି, କନ୍ଧମାଳ, ଓଡ଼ିଶା, ଭାରତ

**Corresponding Author:** *ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ

**DOI:** https://doi.org/10.5281/zenodo.20677735

## ସାରାଂଶ

ସାଂପ୍ରତିକ ସମାଜରେ ଶିଳ୍ପାୟନ ଓ ସ୍ୱାର୍ଥପର ରାଜନୀତିର କରାଳ ଗ୍ରାସରେ କୃଷି ଭିତ୍ତିକ ଗ୍ରାମ୍ୟ ଜୀବନ କିପରି ବିପର୍ଯ୍ୟସ୍ତ ହେଉଛି, ତାହାର ଏକ ଜୀବନ୍ତ ତଥା ମାର୍ମିକ ଚିତ୍ରାଙ୍କନ କରେ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ରଚିତ ନାଟକ 'ଅକ୍ଷି ତୃତୀୟା'। ପ୍ରସ୍ତୁତ ଆଲୋଚନା ପ୍ରବନ୍ଧରେ ନାଟକର ଉଭୟ ଆତ୍ମିକ ଓ ଆଙ୍ଗିକ ସୌନ୍ଦର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଭାବେ ବିଶ୍ଳେଷଣ କରାଯାଇଛି। ସାଧାରଣ ନିରୀହ ଚାଷୀ ନନ୍ଦିଆର ଭିଟାମାଟି ପ୍ରତି ଥିବା ନିବିଡ଼ ସଂପ୍ରୀତି, ରାଜନୈତିକ କ୍ଷମତାଲୋଭୀ ମନ୍ତ୍ରୀ ଚିନ୍ତାମଣି ଓ ଗ୍ରାମ୍ୟ ଟାଉଟର ସରପଞ୍ଚ ଦଣ୍ଡପାଣିଙ୍କ ଚକ୍ରାନ୍ତ ଏବଂ ଶେଷରେ ଉଚ୍ଚଶିକ୍ଷିତ ଯୁବକ କେଶବ ଦ୍ୱାରା ଖଳନାୟକର ମୁଖାପିନ୍ଧା ରୂପର ପରିପ୍ରକାଶକୁ ନାଟକର ଆତ୍ମିକ ବିଶେଷତ୍ୱ ଭାବେ ଆଲୋଚନା କରାଯାଇଛି। ଅପରପକ୍ଷେ, ଆଙ୍ଗିକ ଦୃଷ୍ଟିକୋଣରୁ ନାମକରଣର ସାର୍ଥକତା, ଗ୍ରାମ୍ୟ କଥୋପକଥନ ଭିତ୍ତିକ ସରଳ ଭାଷା ଶୈଳୀ ଏବଂ ପାରମ୍ପରିକ ନାଟକୀୟ ଦ୍ୱନ୍ଦ୍ୱର ସଫଳ ସଂଯୋଜନାକୁ ଏଠାରେ ଦର୍ଶାଯାଇଛି। ସର୍ବୋପରି, ଏହି ପ୍ରବନ୍ଧଟି 'ଅକ୍ଷି ତୃତୀୟା' ନାଟକ ମାଧ୍ୟମରେ ମାଟି-ମନସ୍କତା ଓ କୃଷକର ଅସ୍ତିତ୍ୱ ରକ୍ଷାର ସଂଗ୍ରାମକୁ ଏକ ଶାବ୍ଦିକ ରୂପ ପ୍ରଦାନ କରିବାରେ ସମର୍ଥ ହୋଇଛି।

**Manuscript Information**

- **ISSN No:** 2583-7397
- **Received:** 05-07-2025
- **Accepted:** 27-08-2025
- **Published:** 30-08-2025
- **IJCRM:**4(4); 2025: 795-799
- **©2025, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ନଳିନୀ କୁମାର ପାଣିଗ୍ରାହୀ. ବିଷାଦ ଓ ମୁକ୍ତିର ଅମୃତ ସ୍ୱାକ୍ଷର: ପ୍ରତିଭା ଶତପଥୀଙ୍କ 'ନିମିଷେ ଅକ୍ଷର'. Int J Contemp Res Multidiscip. 2025;4(4):795-799.

**Access this Article Online**

www.multiarticlesjournal.com

**କୀ-ଶବ୍ଦ:** ମାଟି ସଂପ୍ରୀତି, ଅକ୍ଷି ତୃତୀୟା, ଭାସ୍କର ଚନ୍ଦ୍ର ମହାପାତ୍ର, ଓଡ଼ିଆ ନାଟ୍ୟ ସାହିତ୍ୟ, ଚରିତ୍ର ଚିତ୍ରଣ, ଆତ୍ମିକ ଓ ଆଙ୍ଗିକ ବିଶେଷତ୍ୱ.



© 2025 ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

### ପ୍ରସ୍ତାବନା

ସର୍ଜନଶୀଳ ମଣିଷଟିଏ କଳ୍ପନାର ପକ୍ଷ ମେଲି ଆକାଶରେ ଯେତେ ବୁଲିଲେ ହେଁ, ଚିହ୍ନା ମାଟିର ମହମହ ବାସ୍ନାରେ ସେ ସର୍ବଦା ବିଭୋର ହୋଇଥାଏ। ଯେଉଁ ମାଟିରେ ତା'ର ଜନ୍ମ, ଜୀବନଧାରଣ ଏବଂ ଜୀବନାବସାନର ପ୍ରତିଶ୍ରୁତି ସଂଗୋପିତ ହୋଇ ରହିଥାଏ ତାକୁ ବିସ୍ମୋରିବା ସ୍ରଷ୍ଟା ମଣିଷଟି ପାଇଁ ସମ୍ଭବ ନୁହେଁ। ଏହା ହିଁ ବାସ୍ତବରେ ସର୍ଜନଶୀଳ ମଣିଷଟିର ମାଟି ମନସ୍କତା ବୋଲି କୁହାଯାଇପାରେ। ମା-ମାଟି-ମମତାର ଆକର୍ଷଣ, ସମ୍ମୋହନ ସାରସ୍ୱତ ସାଧକଟିଏ ପାଇଁ ନିଆରା ଅନୁଭବର ଅନନ୍ୟ ଉଚ୍ଚାରଣ। ତା'ର ବନ୍ଦନା ଗାନ ପାଇଁ ସ୍ରଷ୍ଟା ମଣିଷଟି ସବୁବେଳେ ବ୍ୟଗ୍ର। ମାଟିର ଅପମାନରେ ସେ ବିବ୍ରତ । ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ମାଟିର ଗୌରବରେ ସେ ସର୍ବଦା ନିଜକୁ ଗୌରବାନ୍ୱିତ ମନେ କରେ। ସାଂପ୍ରତିକ ସମାଜରେ ଦେଖା ଦେଇଛି ମାଟି ପ୍ରତି ଅହେତୁକ ହତାଦର। ଯନ୍ତ୍ରାରୁଢ଼ ମଣିଷ ସ୍ୱାର୍ଥ ସାଧନ ପାଇଁ କୃଷି ପ୍ରତି ହତାଦର ମନୋଭାବ ପୋଷଣ କରୁଛି। ରାଜନୈତିକ କ୍ଷମତାରେ ଅନ୍ଧ ନେତାମାନେ ଗରୀବ ଚାଷୀ ଠାରୁ ଚାଷ ଜମି ହଡ଼ପ କରି ଶିଳ୍ପ ପ୍ରତିଷ୍ଠା ନାମରେ ଶୋଷଣ କରୁଥିବା ବିଷୟ ଆଜିର ଯୁଗରେ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ଫଳରେ ମୁଣ୍ଡ ଟେକି ଉଠିଛି ବିସ୍ଥାପନ ସମସ୍ୟା। ସାଧାରଣ କୃଷକଟିଏର ଲକ୍ଷ୍ମୀପ୍ରତିମା ଚାଷ ଜମିକୁ ଶାଗ ମାଛ ଦରରେ ହେଉ କିମ୍ବା ଗାଁଆ ଟାଉଟରମାନଙ୍କ ଫନ୍ଦିଫିକର ଜରିଆରେ ହେଉ ରାଜନେତାମାନେ ହାତେଇ ନେଉଛନ୍ତି। ଫଳରେ ଗରିବ କୃଷକଟିଏ ଶେଷରେ ଅନନ୍ୟୋପାୟ ହୋଇ ବିଷ ପିଇ ଆତ୍ମହତ୍ୟା କରିବାକୁ ବାଧ ହେଉଛି, ନଚେତ୍ ପାଗଳ ହେଉଛି। ଏପରି ଏକ ସ୍ପର୍ଶକାତର ବିଷୟ ପ୍ରତି ଯୁଗେଯୁଗେ ଲେଖକଟିଏ ବିରୋଧ କରି ଆସିଛି। କାରଣ ସେ ସମାଜର ଜାଗ୍ରତ ପ୍ରହରୀ। ସାଧାରଣ ମଣିଷର ସେ ସୁଖ ଦୁଃଖର ସାଥୀ। ଆଉ କିଏ ବିରୋଧ କରୁ କି ନ କରୁ ସାରସ୍ୱତ ସାଧକଟିଏ କିନ୍ତୁ ବିରୋଧ କରିବ- ଏହା ଚିରନ୍ତନ ସତ୍ୟ। ବିଶ୍ୱ ଇତିହାସ ଏହାର ମୂକସାକ୍ଷୀ। ଶ୍ରୀ ଭାସ୍କର ଚନ୍ଦ୍ର ମହାପାତ୍ର ସେହି ସାରସ୍ୱତ ପରମ୍ପରାର ଜଣେ ଉତ୍ତର ଦାୟଦ ଭାବରେ 'ଅକ୍ଷିତୃତୀୟା' ନାଟକରେ ଏପରି ଏକ ସମସ୍ୟାକୁ ସମାଜ ଆଗରେ ଉପସ୍ଥାପନ କରିଛନ୍ତି, ଯାହା କି ସଂପ୍ରତି ଆଲୋଚନାର ଅପେକ୍ଷା ରଖେ।

ସମକାଳୀନ ଓଡ଼ିଆ ନାଟ୍ୟ ସାହିତ୍ୟର ଜଣେ ସ୍ୱର୍ଦ୍ଧିତ ଉଚ୍ଚାରଣ ହେଲେ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର । ଶିକ୍ଷକତା ତାଙ୍କ ଜୀବିକା କିନ୍ତୁ ନାଟକ ରଚନା ତାଙ୍କର ଜୀବନ– ଏ କଥା ସ୍ୱୀକାର୍ଯ୍ୟ। ଏଯାବତ୍ ତାଙ୍କର ୪୨ ଖଣ୍ଡ ନାଟକ ପ୍ରକାଶ ପାଇଥିବା ବେଳେ, ୬୦ରୁ ଉର୍ଦ୍ଧ୍ୱ ନାଟକ ଅପ୍ରକାଶିତ ଅବସ୍ଥାରେ ଥିବା ଜଣାଯାଇଛି। ଏତଦ୍ ଭିନ୍ନ ଆକାଶବାଣୀ ସମ୍ବଲପୁର ଏବଂ ରାଉରକେଲା କେନ୍ଦ୍ରରୁ ତାଙ୍କର ଶତାଧିକ ଭଜନ, ଜଣାଣ ଏବଂ ଆଧୁନିକ ସଂଗୀତ ପ୍ରସାର ଲାଭ କରିଛି। ଅପରପକ୍ଷେ ଶ୍ରୀଯୁକ୍ତ ମହାପାତ୍ରଙ୍କ ବହୁ ନାଟକ ଦୂରଦର୍ଶନ ଜରିଆରେ ଲୋକଲୋଚନକୁ ଆସିଥିବା ଜଣାଯାଏ। ୧୯୫୭ ମସିହାରେ ବାଲେଶ୍ୱର ଜିଲ୍ଲାର ସୋର ନିକଟସ୍ଥ କିଆରପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଶ୍ରୀଯୁକ୍ତ ମହାପାତ୍ର ଓଡ଼ିଆ ନାଟ୍ୟ ସାହିତ୍ୟର ଜଣେ ପ୍ରତିଶ୍ରୁତି ସଂପନ୍ନ ନାଟ୍ୟକାର ଭାବରେ ଆଜି ନିଜକୁ ପ୍ରତିଷ୍ଠା କରି ପାରିଛନ୍ତି। 'ଅକ୍ଷିତୃତୀୟା' ତାଙ୍କର ଏକ ବହୁ ଚର୍ଚ୍ଚିତ ନାଟକ।

କୃଷି ଓଡ଼ିଶାର ଜୀବନ ଜୀବିକାର ଏକ ପ୍ରମୁଖ ମାଧ୍ୟମ। ବହୁ ବ୍ୟକ୍ତି କୃଷି ଉପରେ ନିର୍ଭରଶୀଳ। କିନ୍ତୁ ସାଂପ୍ରତିକ ପରିସ୍ଥିତିରେ ଶିଳ୍ପ ପ୍ରତିଷ୍ଠା ନାମରେ ନିରୀହ ଚାଷୀଟିର ଜମି ହଡ଼ପ କରିବା ଏକ ପରିତାପର ବିଷୟ। ଏପରି ଏକ ସାଂପ୍ରତିକ ସମସ୍ୟାର ମୂଳଦୁଆ ଉପରେ 'ଅକ୍ଷିତୃତୀୟା' ନାଟକର କଥାବସ୍ତୁ ଦଣ୍ଡାୟମାନ। ଆଠ ଜଣ ପୁରୁଷ ଚରିତ୍ର ଏବଂ ତିନିଜଣ ନାରୀ ଚରିତ୍ରକୁ କେନ୍ଦ୍ର କରି ଆଲୋଚ୍ୟ ନାଟକର କଥାବସ୍ତୁ ପରିକଳ୍ପିତ। ନନ୍ଦିଆ ସାଧାରଣ ଚାଷୀଟିଏ। ପତ୍ନୀ ଯଶୋଦା, ପୁତ୍ର କେଶବ ଏବଂ ଝିଅ କୋଇଲିକୁ ନେଇ ନନ୍ଦିଆର ସଂସାର। ଏମ୍.ଏ.ପାଶ୍ କରିଥିଲେ ସୁଦ୍ଧା କେଶବ ବେକାର। ସରକାରୀ ଚାକିରୀରୁ ବଞ୍ଚିତ। ଅନ୍ୟ ପକ୍ଷରେ ସେହି ଗ୍ରାମର ଅନ୍ୟତମ ବ୍ୟକ୍ତି ନଛିଆ। ଯାହାର ଝିଅ ଝାମ୍ପୁରୀ ଏବଂ ପୁଅ ବସନ୍ତକୁ ନେଇ ଛୋଟ ପରିବାର। ନନ୍ଦିଆ ଓ ନଛିଆ ଉଭୟ ପରିବାର ମଧ୍ୟରେ ଉତ୍ତମ ସମ୍ପର୍କ। ନଛିଆର ପୁଅ ବସନ୍ତ ସହିତ ନନ୍ଦିଆର ଝିଅ
କୋଇଲିର ବିବାହ ସ୍ଥିର ହୋଇସାରିଛି। ବସନ୍ତ ରାଜ୍ୟ ବାହାରେ ରହି ଅର୍ଥ ରୋଜଗାର କରେ। ଦଣ୍ଡପାଣି ଆଲୋଚ୍ୟ ନାଟକର ଅନ୍ୟତମ ହାସ୍ୟ ଅଭିନେତା ଭାବରେ ଉଭା ହୋଇଛି । ଶିକ୍ଷକତାକୁ ତ୍ୟାଗ କରି ସରପଞ୍ଚ ଭାବରେ ନିର୍ବାଚିତ ହେବାପରେ ମନ୍ତ୍ରୀ ଚିନ୍ତାମଣିର ହାତ ବାରିସି ସାଜିଛି ଦଣ୍ଡପାଣି । ନନ୍ଦିଆର ଦୋମାଣିଆ ଜମି ଉପରେ ନଜର ପଡ଼ିଛି ମନ୍ତ୍ରୀ ଚିନ୍ତାମଣିଙ୍କର । କାରଣ ସେଠାରେ ସେ ନିଜ ସ୍ତ୍ରୀଙ୍କ ନାମରେ 'ନିଶାବତୀ ମଦ କାରଖାନା' ପ୍ରତିଷ୍ଠା କରିବେ । ନନ୍ଦିଆ ଜମି ଛାଡ଼ିବା ପାଇଁ ସମ୍ମତି ପ୍ରକାଶ କରିନାହିଁ । ଫଳରେ କେଶବକୁ ସରକାରୀ ଚାକିରୀ ଦେବା ଆଳରେ ଦଣ୍ଡପାଣି ମାଧ୍ୟମରେ ଚକ୍ରାନ୍ତ କରିଛି ଚିନ୍ତାମଣି । ଏଥିପାଇଁ ଯଦିଓ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଛି, କିନ୍ତୁ ସଫଳ ହୋଇପାରି ନାହାନ୍ତି ଦଣ୍ଡପାଣି ଏବଂ ଚିନ୍ତାମଣି । ଏହିପରି ଏକ ସମସ୍ୟା ବହୁଳ ନାଟକର ଉଭୟ ଆତ୍ମିକ ଓ ଆଂଗିକ ଦିଗ ପ୍ରତି ଦୃଷ୍ଟିପାତ କରିବା ଯଥାର୍ଥ ମନେହୁଏ ।

### ଆକର୍ଷି ତୃତୀୟା : ଆତ୍ମିକ ବିଶେଷତ୍ୱ

ଅକ୍ଷି ତୃତୀୟା' ନାଟକର ଆତ୍ମିକ ବିଶେଷତ୍ୱ ସମ୍ପର୍କରେ ଆଲୋଚନା କଲାବେଳେ ପ୍ରଥମତଃ ଚରିତ୍ର ଚିତ୍ରଣ କଥା ବିଚାରକୁ ଆସେ । ଏହି ପରିପ୍ରେକ୍ଷୀରେ ଆଲୋଚ୍ୟ ନାଟକର ମୁଖ୍ୟ ଚରିତ୍ର ତଥା ନାୟକ-ନାୟିକା ସମ୍ପର୍କରେ ଆଲୋଚନା କରାଯାଇପାରେ । ନାୟକ ବସନ୍ତ ଏବଂ ନାୟିକା କୋଇଲି ଦୁଇ ପ୍ରମୁଖ ଚରିତ୍ର । ସରଳତା, ନିଷ୍କପଟତା ଏହି ଦୁଇ ଚରିତ୍ରଙ୍କ ଭୂଷଣ । ଶିକ୍ଷା କ୍ଷେତ୍ରରେ ଉଭୟେ ଉନ୍ନତ ନ ହେଲେ ସୁଦ୍ଧା ମଣିଷ ପଣିଆରେ ଉଭୟଙ୍କ ବ୍ୟକ୍ତିତ୍ୱ ବେଶ୍ ମହନୀୟ । ଗ୍ରାମ୍ୟ ଜୀବନର ନିରାଡ଼ମ୍ବର ଚଳଣିରେ ଉଭୟେ ସରଳ । ପରସ୍ପର ପରସ୍ପରକୁ ନିରୁତା ଭଲ ପାଇ ଭବିଷ୍ୟତର ସୁନେଲି ସଂସାର ପ୍ରତି ପ୍ରତିଶ୍ରୁତିବଦ୍ଧ । ଅନ୍ୟ ରାଜ୍ୟରେ ଶ୍ରମିକ ଭାବରେ ଜୀବନ ବଞ୍ଚୁଥିବା ବସନ୍ତ, ବାପା ନନ୍ଦିଆ ଏବଂ ଭଉଣୀ ଝାମ୍ପୁରୀର ପ୍ରତିପୋଷଣ କରିବା ସହିତ ଭଉଣୀର ପାଠ ପଢ଼ାକୁ ମଧ ଧ୍ୟାନ ଦେଉଥିଲା । ସେହିପରି କୋଇଲି ବାପା ନନ୍ଦିଆର ଚାଷ କାର୍ଯ୍ୟରେ ସହଯୋଗ କରି ନିଜକୁ ଜଣେ ସାଧାରଣ ଚରିତ୍ର ଭାବରେ ପ୍ରତିଷ୍ଠା କରିଛି । ଏପରି ଜଣେ ଚରିତ୍ର କେଶବ । ପ୍ରତ୍ୟେକ ନାଟକରେ ନାୟକ-ନାୟିକାଙ୍କୁ ମୁଖ୍ୟ ଚରିତ୍ର ଭାବରେ ସ୍ୱୀକାର କରାଯାଉଥିଲେ ହେଁ, ଆଲୋଚ୍ୟ ନାଟକରେ କେଶବକୁ ମଧ କଥାବସ୍ତୁର ପ୍ରାସଂଗିକତା ଦୃଷ୍ଟିରୁ ମୁଖ୍ୟ ଚରିତ୍ରର ଶ୍ରେଣୀଭୁକ୍ତ କରାଯାଇପାରେ । କାରଣ ନାଟକର କଥାବସ୍ତୁର ଅଗ୍ରଗତି ଏବଂ ଉତ୍କଣ୍ଠା ସୃଷ୍ଟି, ସର୍ବୋପରି ଖଳ ଚରିତ୍ରର ମୁଖା ଖୋଲିବାରେ କେଶବ ହିଁ ସମର୍ଥ ହୋଇଛି । ଏ ସମସ୍ତ କାରଣ


© 2025 ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଆଧାରରେ କେଶବକୁ ମଧ୍ୟ ମୁଖ୍ୟ ଚରିତ୍ରର ସମ୍ମାନ ଦିଆଯିବାରେ ଦ୍ୱିମତ ନ ଥାଇ ପାରେ । ସେ ଉଚ୍ଚଶିକ୍ଷିତ ଏବଂ ପୋଲିସ୍ ଇନ୍ସପେକ୍ଟର ଇଣ୍ଟରଭିୟୁ ଦେବାରେ ସଫଳ । ଚାକିରୀ ଲୋଭରେ ପିତୃ ଅର୍ଜିତ ଦୋମାଣିଆ ଜମିକୁ ଯଦିଓ ସେ ମନ୍ତ୍ରୀ ଚିନ୍ତାମଣିକୁ ବିକ୍ରି କରିବାକୁ ପିତା ନନ୍ଦିଆ ପାଖରେ ଜିଦ୍ କରିଛି, କିନ୍ତୁ ନାଟକର ପରିସମାପ୍ତି ପର୍ବରେ ସେ ହିଁ ଦଣ୍ଡପାଣି ଏବଂ ଚିନ୍ତାମଣିର ମୁଖା ଖୋଲିବାରେ ସଫଳ ହେବା ସହିତ ଦୋମାଣିଆ ଜମିକୁ ପୁଣି ଫେରାଇ ଆଣିଛି ।

ଅପରପକ୍ଷେ ନନ୍ଦିଆ, ଯଶୋଦା, ନଛିଆ, ଝାମ୍ପୁରୀ, ଦୁଃଖୀ, ଗୋବରା, ବନ ଆଦିକୁ ଗୌଣ ଚରିତ୍ର ଭାବରେ ବିବେଚନା କରାଯିବା ଯଥାର୍ଥ ମନେହୁଏ । ନନ୍ଦିଆ ସାଧାରଣ ଚାଷୀଟିଏ । ନିଜର ଦୋମାଣିଆ ଜମି ହିଁ ତା'ର ସର୍ବସ୍ୱ । ଚାଷକରି ମାଟି ମା'ର ସେବା କରିବା ହିଁ ତା' ଜୀବନର ଧର୍ମ । ସରପଞ୍ଚ ଦଣ୍ଡପାଣି ନନ୍ଦିଆକୁ ଦୋମାଣିଆ ଜମି ବିକ୍ରି କଥା ଯେତେବେଳେ କରିଛି, ପ୍ରତ୍ୟୁତ୍ତରରେ ନନ୍ଦିଆ କହିଛି-

**"କ'ଣ କହିଲ ମାଷ୍ଟ୍ରେ ? ଆମେ ଆମର ଭିଟାମାଟି ଛାଡି ଅନ୍ୟଠିକୁ ଚାଲିଯିବୁ; ଶୁଣ ମାଷ୍ଟ୍ରେ, ଏ ମାଟି ହଉଛି ଆମର ମାଆ, ଟଙ୍କା ଲୋଭରେ ତମେ କ'ଣ ତମ ମାଆକୁ ବିକି ପାରିବ ?"**

ଉପରୋକ୍ତ ସଂଳାପଟିରୁ ଦୋମାଣିଆ ଜମିକୁ ନନ୍ଦିଆ କେତେ ଭଲ ପାଉଥିଲା ତା' ସହଜରେ ଅନୁମେୟ । କେଶବର ଜିଦ୍‌ରେ ଯଦିଓ ଜମି ବିକ୍ରି ହୋଇଛି, କିନ୍ତୁ ତାକୁ ସହଜରେ ଗ୍ରହଣ କରି ନପାରି ନନ୍ଦିଆ ପାଗଳ ହୋଇଯାଇଛି । ଅପରପକ୍ଷେ ଯଶୋଦା ଏକ ଗୌଣ ଚରିତ୍ର ହେଲେ ହେଁ ପରିବାର ଚଳେଇବାରେ ସେ ଥିଲା ବେଶ୍ ପାରଙ୍ଗମ; ସମସ୍ତଙ୍କୁ ସ୍ନେହ, ପ୍ରେମର ବନ୍ଧନରେ ବାନ୍ଧି ରଖିବାରେ ସେ ଧୂରୀଣା । ଭାରତୀୟ ସଂସ୍କୃତି ପ୍ରତି ସେ ବେଶ୍ ସଚେତନ । କେଶବ ଅକ୍ଷି ତୃତୀୟା ତିଥିରେ ଚାଉଳ ବିକ୍ରି କରି ସହରକୁ ଇନ୍ସପେକ୍ଟର ହେବାକୁ ଯିବା କଥାରେ ଦୁଃଖ କରି ଯଶୋଦା କହିଛି-

**"ନାହିଁରେ କେଶବ । ଏ ଅକ୍ଷି ତୃତୀୟା ହଉଛି ଆମ ଚାଷୀ କୁଳର ଇଷ୍ଟ ତିଥି । ଆଜି ପରି ଦିନରେ ଚାଉଳ ବିକିଲେ ଅମଙ୍ଗଳ ହବ ।"**

ଏହି ସଂଳାପଟିରୁ ଜଣାଯାଏ ଯେ ବାସ୍ତବରେ ଯଶୋଦା ଜଣେ ସଂସ୍କୃତି ସମ୍ପନ୍ନା ଓଡ଼ିଆ ଘରର ବୋହୂ । କେବଳ ସେତିକି ନୁହେଁ ଯଶୋଦା ଶବ୍ଦଟି ଭାରତୀୟ ଆଧାତ୍ମିକ ପରମ୍ପରାରେ ଏକ ବାତ୍ସଲ୍ୟ ଆବେଗମୟ ଶବ୍ଦ । କୃଷ୍ଣଙ୍କ ପ୍ରତି ଯଶୋଦାଙ୍କ ସ୍ନେହ ପ୍ରକୃତ ମାତୃତ୍ୱର ପରିଚୟ । ଏହି ଦୃଷ୍ଟିରୁ ଆଲୋଚ୍ୟ ନାଟକର ଯଶୋଦା ପୁତ୍ର କେଶବ ପ୍ରତି ଯେଉଁ ମମତା ପରଶି ଦେଇଛି ତାହା ଯଶୋଦା ନାମର ଯଥାର୍ଥତାକୁ ପ୍ରମାଣିତ କରେ । ଯଥା-

**କେଶବ** : ଫେରିଲା ବେଳେ ବିନା ଟିକେଟରେ ଫେରିବି । ଧରାପଡ଼ି ଜେଲ୍ ଗଲେ ତୁ ବୁଝିବୁ...

**ଯଶୋଦା** : ନାହିଁରେ କେଶବ, ଏମିତି କହନା, ତୁ ତ ମୋର ନୟନ ପିତୁଳାରେ" ତୋତେ ଛାଡ଼ି ମୁଁ ଘଡ଼ିଏ ବଞ୍ଚି ପାରିବିନି...

ପ୍ରକାରାନ୍ତରେ ଦଣ୍ଡପାଣି ଆଲୋଚ୍ୟ ନାଟକର ହାସ୍ୟାଭିନେତା ଭାବରେ ଅବତୀର୍ଣ୍ଣ ହୋଇଥିବା ପରିଲକ୍ଷିତ ହୁଏ । ଓଡ଼ିଆ ନାଟକରେ ପାରମ୍ପରିକ ଧାରାରେ ସାଧାରଣତଃ ଗାଆଁ ଟାଉଟରକୁ ହାସ୍ୟ ଚରିତ୍ର ଭାବରେ ସ୍ଥାନିତ କରାଯାଇଥାଏ । ଏହି ଶ୍ରେଣୀର ଚରିତ୍ରଗୁଡ଼ିକ ଖଳ ଚରିତ୍ରର ଚାମଚା ବା ମଧ୍ୟସ୍ଥି ଭାବରେ କାର୍ଯ୍ୟ କରିଥାନ୍ତି । ସାଧାରଣ ଶ୍ରେଣୀର ଲୋକମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଜମି ହଡ଼ପ କରି ଖଳ ନାୟକର ପ୍ରିୟପାତ୍ର ହେବା ଏହି ଶ୍ରେଣୀୟ ଚରିତ୍ରମାନଙ୍କର ଚାରିତ୍ରିକ ବିଶେଷତ୍ୱ । ଶିକ୍ଷକତା ପରି ଏକ ନୈତିକ ମୂଲ୍ୟବୋଧ ସମ୍ପନ୍ନ ଚାକିରି ଛାଡ଼ି ସରପଞ୍ଚ ହେବା ଦଣ୍ଡପାଣିର ଖଳ ମାନସିକତାକୁ ସ୍ପଷ୍ଟ କରେ । ମନ୍ତ୍ରୀ ଚିନ୍ତାମଣିର ହାତ ବାରିସି ସାଜି ସାଧାରଣ ଲୋକଙ୍କ ଜମି ହଡ଼ପ କରିବା ସହିତ ଦୁଇ ପଇସା ରୋଜଗାର କରିବାରେ ଦଣ୍ଡପାଣି ବେଶ୍ ଧୂରନ୍ଧର । ଦଣ୍ଡପାଣିକୁ ହାସ୍ୟାଭିନେତା ଭାବରେ ଦର୍ଶକଙ୍କ ନିକଟରେ ପରିଚିତ କରିବା ପାଇଁ ନାଟ୍ୟକାର ପ୍ରତ୍ୟେକ ସଂଳାପରେ ଢଗଢମାଳିଟିଏ ସଂଯୋଜନା କରିଥିବା ଲକ୍ଷ୍ୟ କରାଯାଏ । ଆଲୋଚନାର ପ୍ରାସଙ୍ଗିକତା ଦୃଷ୍ଟିରୁ କେତେକ ସଂଳାପକୁ ଉଦାହରଣ ଭାବରେ ଏଠାରେ ଉପସ୍ଥାପନ କରାଯାଇପାରେ । ଯଥା-

**"ବୋଇଲା, ଶୁଭବେଳାରେ ଶୁଭକାମ, କରୁଥାଅ ହେ ସାଧୁଜନ ।"**

**"ବୋଇଲା, ପର ହିତରେ ଦିନ ଗଲା; ସୁଖ ତ ପ୍ରାପତ ନୋହିଲା ।"**

**"ବୋଇଲା, ଭଲ କହିଲେ ମନ୍ଦ ବୁଝି । ଏଇତ କଳିକାଳ ରୀତି । ।"**

**"ବୋଇଲା, ଉଦ୍ୟମ କଲେ କାର୍ଯ୍ୟ ସିଦ୍ଧି, ଜାଣିବ ଯେହୁ ମହାବିଦ୍ୟା ।"**

କେବଳ ସେତିକି ନୁହେଁ ଅନ୍ୟର ଜମି ହାତେଇ ମନ୍ତ୍ରୀ ଚିନ୍ତାମଣିକୁ ଖୁସି କରେଇ ସ୍ୱାର୍ଥ ହାସଲ କରିବାରେ ଦଣ୍ଡପାଣି ଥିଲା ଧୂରନ୍ଧର । ଦଣ୍ଡପାଣି ଏବଂ ଚିନ୍ତାମଣିର କଥୋପକଥନରୁ ଦର୍ଶକେ ସହଜରେ ଏହାକୁ ଜାଣିପାରିବେ । ଯଥା-

**ଦଣ୍ଡପାଣି** : ଆପଣ ବ୍ୟସ୍ତ ହୁଅନ୍ତୁନି । ନନ୍ଦ ନାହାକ ଯଦି ତା' ପୁଅ କଥାରେ ରାଜି ନ ହୁଏ, ଏଇ ଅଠର ଦିନ ଭିତରେ ତା' ଘରେ ମୁଁ ମହାଭାରତ ସୃଷ୍ଟି କରିଦେବି ।

**ଚିନ୍ତାମଣି** : (ହସି) ମୋର ତମ ଉପରେ ବିଶ୍ୱାସ ଅଛି ମାଷ୍ଟ୍ରେ, ସେଇଥି ପାଇଁ ତ ମୁଁ ରାଜଧାନୀରୁ ତମ ପାଖକୁ ଧାଇଁ ଆସିଛି ।

**ଦଣ୍ଡପାଣି** : ସାର୍ ! ଆଉ ମୋ କଥା...

**ଚିନ୍ତାମଣି** : ତମେ ଏଥର ବ୍ଲକ୍ ଚେୟାରମ୍ୟାନ୍ ହେଇଗଲ ବୋଲି ଜାଣ । ଏଇ ରଖ, ପଚାଶ ହଜାର ଟଙ୍କା । କଳେ ବଳେ କଉଶଳେ ତା' ଜମିଟାକୁ ରେଜିଷ୍ଟ୍ରି **କରିବାର ବ୍ୟବସ୍ଥା କର ।**

**ଏହି ସଂଳାପରୁ ଦଣ୍ଡପାଣିର ଚରିତ୍ରକୁ ସହଜରେ ଜାଣିହୁଏ ।**

ସେହିପରି ସଂପ୍ରତି ଖଳ ଚରିତ୍ର ଚିନ୍ତାମଣି ପ୍ରତି ଦୃଷ୍ଟି ନିକ୍ଷେପ କରିବା ଯଥାର୍ଥ ମନେହୁଏ । ଖଳ ଚରିତ୍ର ନାଟକର ଅନ୍ୟତମ ପ୍ରମୁଖ ଚରିତ୍ର । ଏହି ଚରିତ୍ର ମାଧ୍ୟମରେ କଥାବସ୍ତୁର ଉତ୍କଣ୍ଠା ବୃଦ୍ଧି ପାଇବା ସହିତ ଦର୍ଶକମାନଙ୍କର ଗ୍ରହଣୀୟତା ସାକାର ହୋଇଥାଏ । ଖଳନାୟକର ଚାରିତ୍ରିକ ବିଶେଷତ୍ୱ ଯେତିକି ବୃଦ୍ଧିପାଏ, ମୁଖ୍ୟ ଚରିତ୍ର ପ୍ରତି ଦର୍ଶକଙ୍କ ସମବେଦନା ସେତିକି ବୃଦ୍ଧି ପାଇଥାଏ । ଏହି ଦୃଷ୍ଟିରୁ ଚିନ୍ତାମଣି ଚରିତ୍ରର ଆଲୋଚନା ଅପେକ୍ଷା ରଖେ । ଆଲୋଚ୍ୟ ନାଟକରେ ଚିନ୍ତାମଣି ଚରିତ୍ରଟି ଜଣେ ମନ୍ତ୍ରୀର ଭୂମିକାରେ


© 2025 ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଅବତୀର୍ଣ୍ଣ । ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ରାଜନୀତି ଶ୍ରେଷ୍ଠନୀତି ଭାବରେ ସ୍ୱୀକୃତ ହେଲେ ହେଁ, ବ୍ୟକ୍ତିଗତ ସ୍ୱାର୍ଥରେ ରାଜନୀତି ଆଜି ବନ୍ଧା ପଡ଼ିଛି କହିଲେ ସତ୍ୟର ଅପଳାପ ହେବନାହିଁ । ଜନତାର ସେବା ନିମନ୍ତେ ରାଜନୀତି ଏକ ଶ୍ରେଷ୍ଠ ମାଧ୍ୟମ ବୋଲି ରାଜନୈତିକ ନେତାମାନେ ବକ୍ତବ୍ୟ ରଖୁଥିବା ବେଳେ, ତାହା ଯେ ଆଜି ଶୋଷଣର ଶ୍ରେଷ୍ଠ ମାଧ୍ୟମ ପାଲଟି ଯାଇଛି - ଏହା ନିର୍ବିବାଦୀୟ ସତ୍ୟ । ନାଟ୍ୟକାର ଚିନ୍ତାମଣି ଚରିତ୍ର ମାଧ୍ୟମରେ ସାମ୍ପ୍ରତିକ ରାଜନୈତିକ ନେତୃବୃନ୍ଦଙ୍କ ମୁଖା ଖୋଲି ଦେବାରେ ସଫଳ ହୋଇଛନ୍ତି । ସାଧାରଣ କୃଷକମାନଙ୍କ ଠାରୁ ଦଣ୍ଡପାଣି ଚରିତ୍ର ମାଧ୍ୟମରେ ଜମି ହଡ଼ପ କରି ନିଜ ପତ୍ନୀଙ୍କ ନାମରେ ମଦ କାରଖାନା (ନିଶାବତୀ ମଦ କାରଖାନା) ପ୍ରତିଷ୍ଠା ପାଇଁ ଉଦ୍ୟମ କରିଛନ୍ତି । ବାସ୍ତବରେ ଏହା ନାଟକର ଗୋଟିଏ ଘଟଣା ନୁହେଁ; ପରନ୍ତୁ ଆଜିର ଏକ ସମସ୍ୟା । ଅପରପକ୍ଷେ ଶିକ୍ଷିତ ଯୁବକମାନଙ୍କୁ ଚାକିରି ଦେବା ନାମରେ ନେତାମାନେ ଯେପରି ଶୋଷଣ କରୁଛନ୍ତି ତା'ର ଜୀବନ୍ତ ଚିତ୍ର ଆଲୋଚ୍ୟ ନାଟକରେ ପ୍ରଦର୍ଶିତ ହେଉଛି । ସାଧାରଣ ଯୁବକମାନଙ୍କୁ ନେତାମାନେ କଅଁଳ କଥା କହି କିପରି ପ୍ରଲୋଭିତ କରନ୍ତି, ତା'ର ଉଦାହରଣ ଏହି ସଂଳାପ । ଯଥା-

**ଚିନ୍ତାମଣି** : ଦେଖ ବାବୁ, ତମେମାନେ ହେଉଛ ଆମ ଦେଶର ଭବିଷ୍ୟତ । କେବଳ ତମମାନଙ୍କ ମଙ୍ଗଳ ପାଇଁ ଆମେ ଏଠି ମଦ କାରଖାନା ଖୋଲୁଛୁ । ତମେମାନେ ଯଦି ଆମ ହାତରେ ହାତ ନ ମିଳାଇବ, ତା'ହେଲେ ଆମର ଶହେ ଦିନରେ ଶହେଟା କାରଖାନା ଖୋଲିବାର ସ୍ୱପ୍ନ ସ୍ୱପ୍ନରେ ରହିଯିବ ।

**ଚିନ୍ତାମଣି** : ଶିକ୍ଷିତ ପିଲା ସେ । ଭଲମନ୍ଦ ବିଚାର କରିବା ଶକ୍ତି ତା'ର ଅଛି । ତାକୁ ଆଉ ଥରେ ଭାବିବାକୁ ସୁଯୋଗ ଦିଅ । ସେ ତା' ବାପାକୁ ବୁଝାଉ । ଯାଅ ବାବୁ, ରଜ ପୂର୍ବରୁ ଫାଇନାଲ କର ତମର ଚାକିରି ଦରକାର କି ଦୋମାଣିଆ ଜମି ଦରକାର । ଯାଅ...

ଏପରି କଅଁଳ କଥାରେ କେତେ ହଳାହଳ ବିଷ ଭରି ରହିଛି ତାହା ଅନୁମେୟ । ଆଲୋଚ୍ୟ ନାଟକର ଅନ୍ୟାନ୍ୟ ଗୌଣ ଚରିତ୍ରଗୁଡ଼ିକ ହେଲେ ଝାଂପୁରୀ, ନଛିଆ, ଗୋବରା, ଦୁଃଖୀ, ବନ ଇତ୍ୟାଦି । କଥାବସ୍ତୁର ଅଗ୍ରଗତି ଏବଂ ସାମାଜିକତା ଦୃଷ୍ଟିରୁ ଆଲୋଚ୍ୟ ଚରିତ୍ରମାନଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ନଛିଆର ଝିଅ ଝାଂପୁରୀ ତଥା ବସନ୍ତର ଭଉଣୀ ହୋଇଥିବା ବେଳେ, ଦଣ୍ଡପାଣିର ଚାକର ଭାବରେ ଗୋବରା ଏବଂ ପୋଲିସ କର୍ମଚାରୀ ଭାବରେ ଦୁଃଖୀ ଓ ବନ ଅବତୀର୍ଣ୍ଣ । କଥାବସ୍ତୁର ପ୍ରାସଙ୍ଗିକତା ଦୃଷ୍ଟିରୁ ପ୍ରତ୍ୟେକ ଚରିତ୍ର ନିଜ ନିଜ ଦାୟିତ୍ୱ ସଂପନ୍ନ କରିବାରେ ସଫଳ ହୋଇଥିବା କୁହାଯାଇପାରେ । ଅନ୍ୟ ପକ୍ଷରେ ନାଟକର ଆତ୍ମିକ ବିଶେଷତ୍ୱର ଅନ୍ୟତମ ଉପାଦାନ ହେଲା ସ୍ଥାନ-କାଳ-ପାତ୍ରର ସରଳ ରୈଖିକ ସହାବସ୍ଥାନ । ଏହି ତିନୋଟିର ସଂଯୋଜନାଗତ ସଫଳତା ବିସ୍ତୁତଃ ନାଟକର ସଫଳତାର ମାନଦଣ୍ଡ । ଯାହାକି ଅତି ସୁସଂଗଠିତ ଭାବରେ ଆଲୋଚ୍ୟ ନାଟକରେ ପ୍ରୟୋଗ ହୋଇଥିବା ପରିଲକ୍ଷିତ ହୁଏ ।

**ଅକ୍ଷିତୃତୀୟା: ଆଙ୍ଗିକ ବିଶେଷତ୍ୱ**

ପ୍ରତ୍ୟେକ ସାରସ୍ୱତ ସୃଷ୍ଟିର ଆତ୍ମିକ ଦିଗ ପରି ଆଙ୍ଗିକ ଦିଗ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ । ନାମକରଣ, ଭାଷା ଆଦିକୁ ଏହି ପର୍ଯ୍ୟାୟଭୁକ୍ତ କରାଯାଇଥାଏ । ଏହି ଅବସରରେ 'ଅକ୍ଷିତୃତୀୟା' ନାଟକର ଆଙ୍ଗିକ ବିଶେଷତ୍ୱ ପ୍ରତି ଧ୍ୟାନ ଦେବା ଯଥାର୍ଥ ମନେହୁଏ । କଥାବସ୍ତୁର ଗାମ୍ଭୀରତା ଉପରେ ନାଟକର ନାମକରଣଗତ ବିଶେଷତ୍ୱ ନିର୍ଭର କରେ । ସାଧାରଣତଃ କୃଷି କ୍ଷେତ୍ରରେ ଅକ୍ଷିତୃତୀୟା ତିଥି ଗୁରୁତ୍ୱପୂର୍ଣ୍ଣ । ଚାଷକାର୍ଯ୍ୟର ସଫଳତା କାମନା କରି ଏହି ତିଥିରେ ଚାଷୀଟିଏ ଅକ୍ଷିମୁଠି ଆରମ୍ଭ କରିଥାଏ । କିନ୍ତୁ ଏପରି ଏକ ପବିତ୍ର ଦିନରେ କେଶବର ଚାଉଳ ନେଇ ଦୋକାନରେ ବିକ୍ରି କରିବା ଏବଂ ଦୋମାଣିଆ ଜମିକୁ ଚିନ୍ତାମଣି ହାତକୁ ଟେକି ଦେବା ପାଇଁ ଭାବିବା ବାସ୍ତବରେ ଅମଙ୍ଗଳ ସୂଚକ । ଯଶୋଦାର ସଂଳାପରୁ ମଧ୍ୟ ଚାଷୀକୂଳ ପାଇଁ ଅକ୍ଷିତୃତୀୟା କେତେ ମହତ୍ୱପୂର୍ଣ୍ଣ ତା'ର ସୂଚନା ମିଳିଥାଏ । କେଶବର ଚାଉଳ ବିକ୍ରି ପ୍ରସ୍ତାବ ପରେ ସେ କହିଛି-

**"ନାହିଁରେ କେଶବ । ଏ ଅକ୍ଷିତୃତୀୟା ହେଉଛି ଆମ ଚାଷୀ କୁଳର ଲକ୍ଷ୍ମୀ ତିଥି । ଆଜି ପରା ଦିନରେ ଚାଉଳ ବିକିଲେ ଅମଙ୍ଗଳ ହେବ ।"**

ବସ୍ତୁତଃ ନାଟକର ଆରମ୍ଭ ହୋଇଛି ଅକ୍ଷି ତୃତୀୟାରୁ ଶେଷ ବି ହୋଇଛି ସେହି ଅକ୍ଷି ତୃତୀୟା ତିଥିରେ । ଏହି ଦୃଷ୍ଟିରୁ 'ଅକ୍ଷି ତୃତୀୟା' ନାମକରଣର ପ୍ରାସଙ୍ଗିକତାକୁ ସ୍ୱୀକାର କରାଯାଇପାରେ ।

ଭାଷା ବା ସଂଳାପ ସଂଯୋଜନା କୋଟିଏ ସାରସ୍ୱତ କୃତିର ଏକ ବିଶେଷ ଅଙ୍ଗ । ନାଟକ କ୍ଷେତ୍ରରେ ଏହାର ଭୂମିକା ଅନନ୍ୟ । ଆଲୋଚ୍ୟ ନାଟକର ବିଷୟବସ୍ତୁ ଏକ ଗ୍ରାମ୍ୟ ଜୀବନକୁ କେନ୍ଦ୍ର କରି ପରିକଳ୍ପିତ ହୋଇଥିବା ବେଳେ, ଭାଷା ମଧ୍ୟ ତଦନୁସାରୀ ହୋଇଛି । କିନ୍ତୁ ଦର୍ଶକ କିମ୍ବା ପାଠକ ପ୍ରାଣରେ ଆଲୋଡ଼ନ ସୃଷ୍ଟି କରିପାରିବା ପରି ଚମକ ସଂଳାପ ଗୁଡ଼ିକରେ ପରିଲକ୍ଷିତ ହୋଇପାରୁ ନାହିଁ । ସଂଳାପଗୁଡ଼ିକ ସାଧାରଣ କଥୋପକଥନ ଢଙ୍ଗରେ ଗତି କରୁଛି । ଶବ୍ଦ ଗାମ୍ଭୀର୍ଯ୍ୟ, ପ୍ରତୀକାତ୍ମକ ଏବଂ ଆଳଂକାରିକ ଭାଷା ବିନ୍ୟାସର ଅଭାବ ପରିଲକ୍ଷିତ ହେଉଥିବା କଥାକୁ ଅସ୍ୱୀକାର କରାଯାଇ ନ ପାରେ । ତଥାପି ଗ୍ରାମ୍ୟ ଜନତା ମୁଖର ଭାଷାରେ ଏହାର ସଂଳାପଗୁଡ଼ିକ ସମୃଦ୍ଧ । ଏଥିରେ ଥିବା କେତେକ ଗ୍ରାମ୍ୟ ପରିବେଶ ଭିତ୍ତିକ ଶବ୍ଦ ହେଲା- ପଟା ପାହୁଲା, ହଉଛୁ, ମନ୍ତିରୀ, ଗେରସ୍ତ, ଝୁମୁକା, ଟୁପେ, ମାଇପେ, ଜାଣିଚୁ, କଡ଼ା.. ଇତ୍ୟାଦି ।

ଅନ୍ୟ ପକ୍ଷରେ ନାଟକୀୟ ଦ୍ୱନ୍ଦ୍ୱ, ପ୍ରାରମ୍ଭ ପରିସମାପ୍ତି ଶୈଳୀ, ନାୟକ-ନାୟିକାଙ୍କ ଭାବବେଗ ପ୍ରତି ଯଥୋଚିତ ସମ୍ମାନ, ନାୟକର ବିଜୟ ଏବଂ ଖଳନାୟକର ପରାଜୟ ପରି ନାଟକର ପାରମ୍ପରିକ ଗଠନଗତ ବିଶେଷତ୍ୱ ପ୍ରତି ନାଟ୍ୟକାରଙ୍କ ଦୃଷ୍ଟି ଥିବା କୁହାଯାଇପାରେ । ପାତ୍ର ମନୋନୟନ ପ୍ରତି ମଧ୍ୟ ନାଟ୍ୟକାର ସଚେତନ ଥିବା ଜଣାଯାଏ । ସର୍ବୋପରି ମାଟି ପ୍ରତି ସଂପ୍ରୀତି ତଥା ମାଟିର ମହମହ ବାସ୍ନାରେ ଲେଖକୀୟ ଭାବବେଗ ବିଭୋର । ସେହି ମାଟି ପ୍ରୀତିର ଶାବ୍ଦିକ ମାୟାରେ ହିଁ 'ଅକ୍ଷି ତୃତୀୟା' ନାଟକର ପରିକଳ୍ପନା କହିଲେ ସତ୍ୟର ଅପଳାପ ହେବନାହିଁ ।


© 2025 ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**ସହାୟକ ଗ୍ରନ୍ଥ:**


1. ସାହୁ, ଡଃ ନାରାୟଣ – *ସ୍ୱାଧୀନତୋତ୍ତର ଓଡ଼ିଆ ନାଟକ ଓ ଅନ୍ୟାନ୍ୟ ପ୍ରସଙ୍ଗ*, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ; ୨୦୧୭।
2. ସାହୁ, ଡଃ ନାରାୟଣ – *ନାଟକ ତତ୍ତ୍ୱ ବିଚାର*, ବିଦ୍ୟାପୁରୀ, କଟକ; ୨୦୦୩।
3. ଦାସ, ଡଃ ହେମନ୍ତ କୁମାର – *ଓଡ଼ିଆ ନାଟକର ଐତିହ୍ୟ ଓ ପରମ୍ପରା*, କାହାଣୀ, କଟକ; ୨୦୧୧।



| Creative Commons (CC) License |
| --- |
| This article is an open-access article distributed under the terms and conditions of the Creative Commons Attribution (CC BY 4.0) license. This license permits unrestricted use, distribution, and reproduction in any medium, provided the original author and source are credited. |




© 2025 ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/